# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ଟିଟିଲାଗଡ

ବିଜ୍ଞାପନ ସଂଖ୍ୟା : ୧୦୧୩ ତା : ୧୦.୦୭.୨୦୨୫

ଏତଦ୍ବାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନ ଲିଖିତ ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ପଦବୀ ରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| କ୍ରମିକ ସଂଖ୍ୟା | ଅଙ୍ଗନୱାଡି କେନ୍ଦ୍ରର ନାମ | ଗ୍ରାମର ନାମ | ଗ୍ରାମ ପଞ୍ଚାୟତ ର ନାମ | ସେବାଞ୍ଚଳ |
|---|---|---|---|---|
| ୧. | ବାଲପଦର | ବାଲପଦର | ମାର୍ଲାଡ | ବାଲପଦର ଗ୍ରାମର ଯଶୋବନ୍ତ ରଣା ଘର ନଂ ୦୦୧ ଠାରୁ ଗୁଣ ନିଧି ରଣା ଙ୍କ ଘର ନଂ ୩୬୨ ପର୍ଯ୍ୟନ୍ତ । |

ଯୋଗ୍ୟତା :- ଆବେଦନ କରିବା ପାଇଁ ପ୍ରାର୍ଥୀନୀଙ୍କର ନିମ୍ନ ଲିଖିତ ଯୋଗ୍ୟତା ଥିବା ଆବଶ୍ୟକ ।

୧. ସେ ଜଣେ ମହିଳା ହୋଇଥିବେ ।
୨. ଅନ୍ୟୁନ ଦ୍ୱାଦଶ (+୨ ) ପାସ କରିଥିବେ ।
୩. ଆବେଦନକାରୀଙ୍କ ବୟସ ୦୧. ୦ ୧. ୨ ୦ ୨ ୫ ସୁଦ୍ଧା ୧ ୮ ବର୍ଷ ରୁ କମ କିମ୍ବା ୩୮ ବର୍ଷ ରୁ ଅଧିକ ହୋଇ ନଥିବା ।
୪. ଯେଉଁ କେନ୍ଦ୍ର ପାଇଁ ଆବେଦନ କରୁଛନ୍ତି ସେହି କେନ୍ଦ୍ରର ସେବାଞ୍ଚଳର ବାସିନ୍ଦା ହୋଇଥିବେ ।
୫. ଆବେଦନକାରୀ ଓଡ଼ିଆ ଭାଷା କୁ ବିଷୟ ରଖି ଅନ୍ୟୁନ ଦଶମ ପାସ କରିଥିବେ |
୬. ଚୟନ ପ୍ରଣାଳୀ:- ଅଙ୍ଗନୱାଡି କର୍ମୀ ପଦବୀ ଏକ ସରକାରୀ ଚାକିରୀ ନୁହେଁ । ଏହା ଏକ ସ୍ୱେଚ୍ଛାସେବୀ ପଦବୀ ଅଟେ । ଏଣୁ ଅନୁସୂଚିତ ଜାତି / ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ନିୟମ ଏଥି ପାଇଁ ଲାଗୁ ନୁହେଁ । ପ୍ରାର୍ଥୀନୀଙ୍କ ଦ୍ୱାଦଶ (+୨) ପରୀକ୍ଷାରେ ପ୍ରାପ୍ତ ଶତକଡା ମାର୍କ (ଅତିରିକ୍ତ ବିଷୟ କୁ ବାଦ ଦେଇ ) କୁ ବିଚାରକୁ ନେଇ ମେଧା ତାଲିକା ପ୍ରସ୍ତୁତ କରାଯିବ । ତେବେ ଅନୁସୂଚିତ ଜାତି / ଜନଜାତି / ବିଧବା / ଅନାଥ/ ଦୁସ୍ଥା / ଶାରୀରିକ ଅକ୍ଷମ / ସ୍ୱାମୀ ପରିତ୍ୟକ୍ତା / ଉଚ୍ଚ ଶିକ୍ଷିତା କୁ ନିୟମାନୁଯାୟୀ ଅତିରିକ୍ତ ମାର୍କ ପ୍ରଦାନ କରାଯିବ ।

ଆବେଦନ ପ୍ରଣାଳୀ:- ଆବଶ୍ୟକ ଯୋଗ୍ୟତା ଥିବା ପ୍ରାର୍ଥୀନୀ ମାନେ ମହିଳା ଓ ଶିଶୁ ବିକାଶ ବିଭାଗର, ଓଡିଶା ସରକାରଙ୍କ website:- https://engagement-awc.odisha.gov.in/landing ର public login portal ରେ ତା :- ୧୪/୦୭/ ୨୦୨୫ ରୁ ୨୮/୦୭/ ୨୦୨୫ ରିଖ ମଧ୍ୟରେ ଆବେଦନ କରିପାରିବେ ।

ନିମ୍ନ ଲିଖିତ କାଗଜାତ website ରେ upload କରିବାକୁ ହେବ ।
୧. ମାଟ୍ରିକ ଠାରୁ ଆରମ୍ଭ କରି ସମସ୍ତ ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣପତ୍ର ।
୨. ଦ୍ୱାଦଶ (+୨ ) ପରୀକ୍ଷା ର ମାର୍କସିଟ ।
୩. ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବୈଧତା ଥିବା ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ।
୪. ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜାତିଗତ ପ୍ରମାଣ ପତ୍ର ।
୫. ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର । ( ବିଧବା ହୋଇଥିଲେ )
୬. ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶାରୀରିକ ଅକ୍ଷମ ପ୍ରମାଣ ପତ୍ର । (ଶାରୀରିକ ଅକ୍ଷମ ହୋଇଥିଲେ )
୭. ସ୍ୱଧାର ଗୃହ ପରିଚାଳିକାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଦୁସ୍ଥା ପ୍ରମାଣ ପତ୍ର । (ଦୁସ୍ଥା ହୋଇଥିଲେ )
୮. ଅନାଥାଶ୍ରମ ପରିଚାଳକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅନାଥ ପ୍ରମାଣ ପତ୍ର । (ଅନାଥ ହୋଇଥିଲେ )
୯. ସ୍ୱାମୀଙ୍କ ସହ ଛାଡପତ୍ର ହୋଇଥିବାର ଅଦାଲତଙ୍କ ନିର୍ଦ୍ଦେଶନାମା । ( ସ୍ୱାମୀ ପରିତ୍ୟକ୍ତା ହୋଇଥିଲେ )
୧୦. ଅଭିଜ୍ଞତା ପ୍ରମାଣ ପତ୍ର (ECCE Worker under Samagra Shiksha/ NPEGEL) । (ଯଦି ଥାଏ)
୧୧. ଏକ ଗୋଟି ପାସ ପୋର୍ଟ ସାଇଜ ର ଫଟୋ ।
୧୨. ଉପରୋକ୍ତ ସମସ୍ତ ପ୍ରମାଣ ପତ୍ର website ରେ upload ହୋଇଥିବା ଆବଶ୍ୟକ ।
୧୩. ଉପରୋକ୍ତ ସମସ୍ତ ପ୍ରମାଣ ପତ୍ର website ରେ upload ହୋଇ ନ ଥିଲେ ଏବଂ ତ୍ରୁଟି ପୂର୍ଣ ଆବେଦନ ପତ୍ର ପରିଲକ୍ଷିତ ହେଲେ ସେହି ଆବେଦନକୁ ନାକଚ ଘୋଷଣା କରାଯିବ ।

୧୪. ପ୍ରାର୍ଥୀନୀ ଯେଉଁ ଅଙ୍ଗନୱାଡି କେନ୍ଦ୍ର ପାଇଁ ଆବେଦନ କରିଛନ୍ତି କେବଳ ସେହି ଅଙ୍ଗନୱାଡି କେନ୍ଦ୍ରର ସେବାଞ୍ଚଳ ର ବାସିନ୍ଦା ହୋଇଥିବେ ।

୧୫. ଅଙ୍ଗନୱାଡି ସହାୟିକା ଉପଯୁକ୍ତ ଯୋଗ୍ୟତା ସହ ପାଞ୍ଚ ବର୍ଷ ର ଅଭିଜ୍ଞତା ଥିଲେ ଅଙ୍ଗନୱାଡି କର୍ମୀ ଚୟନ ବିଚାରକୁ ନିଆଯିବ ।

ଆସନ୍ତା ତା ୨୯/୦୭/୨୦୨୪ ରିଖ ଦିବା ୧୦.୦୦ ଘଟିକା ସମୟରେ ଏହି କାର୍ଯ୍ୟାଳୟ ରେ ଆବେଦନକାରୀଙ୍କ ଦରଖାସ୍ତ ଓ ମୂଳ ପ୍ରମାଣ ପତ୍ର ଗୁଡିକ ଚୟନ କମିଟି ଦ୍ଵାରା ଯାଞ୍ଚ କରାଯିବ । ଏହି ସମୟରେ ପ୍ରାର୍ଥୀନୀ ନିଜର ସମସ୍ତ ମୂଳ ପ୍ରମାଣ ପତ୍ର ଓ ମାର୍କସିଟ ସହ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବେ । ନଚେତ ତାଙ୍କ ଆବେଦନ କୁ ବିଚାରକୁ ନିଆଯିବ ନାହିଁ ।
( ଆବଶ୍ୟକ ସ୍ଥଳେ ଆବେଦନକାରୀଙ୍କ ଦରଖାସ୍ତ ଓ ମୂଳ ପ୍ରମାଣ ପତ୍ର ଗୁଡିକ ଯାଞ୍ଚ ତାରିଖ ପରିବର୍ତ୍ତନ କରାଯାଇପାରେ )
ବି.ଦ୍ର- ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ଵାକ୍ଷରକାରି ଅଧିକାରୀ ଉକ୍ତ ବିଜ୍ଞାପନ କୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।

୧୦/୦୭/୨୦୨୪
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଟିଟିଲାଗଡ଼
Child Dev. Project Officer
Titilagarh

ଜ୍ଞାପକ ସଂଖ୍ୟା ୧୦୯୪ ତା ୧୦.୦୭.୨୦୨୪

ଏହାର ଏକକିତା ନକଲ ଉପ -ଜିଲ୍ଲାପାଳ, ଟିଟିଲାଗଡ / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବଲାଙ୍ଗୀର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଟିଟିଲାଗଡ/ ବ୍ଲକ ଶିକ୍ଷା ଅଧିକାରୀ (ବି.ଇ .ଓ)/ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ର ସରପଞ୍ଚ ଙ୍କ ଅବଗତି ଓ ନୋଟିସ ବୋର୍ଡ଼ରେ ଲଗାଇବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ୨ କିତା ନକଲ ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକାଙ୍କୁ ଦିଆଯାଇ ନିର୍ଦ୍ଦେଶ ଦିଆଗଲାଯେ ସେ ଏକକିତା ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ସେବାଞ୍ଚଳ ରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରି ଏକକିତା ସ୍ଥାନୀୟ ଅଧିବାସୀଙ୍କ ସ୍ଵାକ୍ଷର ସହ ଫେରାଇବେ ।

୧୦/୦୭/୨୦୨୪
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଟିଟିଲାଗଡ଼
Child Dev. Project Officer
Titilagarh